

# ସଙ୍କର ଜାତୀୟ ବିଲାତି ବାଇଗଣ ଚାଷ

ବିଲାତି ବାଇଗଣ ଆମ ରାଜ୍ୟର ଏକ ମୁଖ୍ୟ ପରିବା । ଆମ ରାଜ୍ୟରେ ସାଧାରଣତଃ ଶୀତଦିନେ ବହୁତ ପ୍ରକାର ପନିପରିବା ଚାଷ ଯଥା ବିଲାତି ବାଇଗଣ, ଫୁଲକୋବି, ବନ୍ଧାକୋବି, ମୂଳା ହୋଇଥାଏ । କିନ୍ତୁ ସଙ୍କର କିସମ ବିଲାତି ବାଇଗଣ ବର୍ଷର ଅଧିକାଂଶ ସମୟରେ ହୋଇ ଆମଦାନୀ ପ୍ରାୟ ୨ ଗୁଣ ହେଇପାରୁଛି । ଅଧିକ ଉତ୍ପାଦନ ସମୟରେ ଏଥିରୁ ମୂଲ୍ୟଯୁକ୍ତ ପଦାର୍ଥ ଯଥା ସସ୍, ଚଟଣୀ, କେଚଅପ ଇତ୍ୟାଦି ପ୍ରସ୍ତୁତ କରାଯାଇ ଭବିଷ୍ୟତ ପାଇଁ ସାଇତି ରଖାଯାଇଥାଏ । ଜଗତସିଂହପୁର ଜିଲ୍ଲାରେ ୨,୩୦୦ ହେକ୍ଟର ଚାଷ ଜମିରେ ବିଲାତିବାଇଗଣ ଚାଷ କରାଯାଉଛି । ଦେଶୀ ଓ ଉନ୍ନତ କିସମରୁ କମ୍ ଅମଳ ହେଉଥିବାରୁ ଏହାକୁ ଆଖିଆଗରେ ରଖି "ରୁପାଲି" କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ତରଫରୁ ସଙ୍କର କିସମ ଜେକେ ଦେଶୀ ବିଲାତିବାଇଗଣର ପରୀକ୍ଷଣ ଓ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା ।

## ଜଳବାୟୁ

ସଙ୍କର ବିଲାତିବାଇଗଣ ହାରାହାରି ମାସିକ ତାପମାତ୍ରା ୨୧° ସେଣ୍ଟିଗ୍ରେଡ଼ରେ ସବୁଠାରୁ ଭଲ ବଢିଥାଏ । ଗରମ, ଖରା ପାଗ ଜଳବାୟୁ ଦ୍ୱାରା ଫଳ ଭଲ ଭାବରେ ପାଚି, ଅଧିକ ଅମଳ ପାଇଁ ଅନୁକୂଳ ହୋଇଥାଏ ।

**ମଞ୍ଜିଲଗାଇବା ସମୟ** ମେ ୧୫ ତାରିଖରୁ ଜୁନ୍, ଅକ୍ଟୋବର-ନଭେମ୍ବର, ଜାନୁୟାରୀ-ଫେବୃୟାରୀ

**ମଞ୍ଜିର ପରିମାଣ** ହେକ୍ଟର ପ୍ରତି ୨୦୦ ରୁ ୨୫୦ ଗ୍ରାମ୍

**ଦୂରତା ଓ ବ୍ୟବଧାନ** ୭୫ ସେ.ମି. X ୬୦ ସେ.ମି.

## ଖତ ଓ ସାର

ଶେଷଥର ହଳ କରିବା ପୂର୍ବରୁ ପ୍ରତି ହେକ୍ଟର ଜମିରେ ୭୫ ରୁ ୮୦ ଶଗଡ଼ ଗୋବର ଖତକୁ ଚାରିଆଡ଼େ ସମାନ ଭାବରେ ଖେଳେଇ ଦିଅନ୍ତୁ । ହେକ୍ଟର ପ୍ରତି ୨୦୦ କି.ଗ୍ରା. ଡି.ଏ.ପି., ୪୦୦ କି.ଗ୍ରା. ୟୁରିଆ, ୧୫୦ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ଖାଦ୍ୟସାରକୁ ଦିଆଯାଇଥାଏ ।